ସମ୍ବାଦ

# ପ୍ରାଧ୍ୟାପିକା ସ୍ନେହଲତା ପାତ୍ରଙ୍କୁ ଅବସର ସମ୍ବର୍ଦ୍ଧନା

ସାଲେପୁର, ୧।୧୧ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ସ୍ନେହଲତା ପାତ୍ରଙ୍କୁ ମହାବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଧୁସୂଦନ ପ୍ରକୋଷ୍ଠରେ ପ୍ରାଧ୍ୟାପକ ଆଲୋକଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରାଧ୍ୟାପିକା ଶ୍ରୀମତୀ ପାତ୍ରଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୈକ୍ଷିକ ସଂସ୍ଥାପକ ପ୍ରାଧ୍ୟାପକ ଡକ୍ଟର ପ୍ରସନ୍ନ ମହାପାତ୍ର, ଅଧ୍ୟାପକ ଡକ୍ଟର ସାରଦାପ୍ରସାଦ ମହାନ୍ତି, ଡକ୍ଟର ଦେବେନ୍ଦ୍ରନାରାୟଣ ପତ୍ରି, ଅଧ୍ୟାପକ ପ୍ରଫୁଲ୍ଲ ସାହୁ, ଅଧ୍ୟାପକ ଶେଖ୍ ଅବ୍ରାର୍ ଅହେମ୍ମଦ, ଅଧ୍ୟାପକ ମାନସ ପତି, ବରିଷ୍ଠ କିରାଣି ଶିଶିର ଦାଶ, କିରାଣି ସଞ୍ଜୟ ନାୟକଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡକ୍ଟର ସାରଦାପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।




CUTTACK Edition
Page No.17 November 02, 2022